ନବସାକ୍ଷର ସାହିତ୍ୟମାଳା

# ଗଙ୍ଗା-ଯମୁନା


ଇନ୍ଦୁ ଭୂଷଣ ମିଶ୍ର

ଚିତ୍ରଶିଳ୍ପୀ

ହରିହର ପାତ୍ର



एकः सूते सकलम्

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ଏହି ପୁସ୍ତକଟି ପରିବେଶ ସହାୟକ ପୁନଃ-ଉତ୍ପାଦିତ କାଗଜରେ ମୁଦ୍ରିତ।

ଏହି ପୁସ୍ତକଟିର ପ୍ରସ୍ତୁତିରେ ଓଡ଼ିଶା ସରକାରଙ୍କର ଶିକ୍ଷା ବିଭାଗ ଯଥାର୍ଥ ସାହାଯ୍ୟ ଓ ସହଯୋଗ କରିଥିବାରୁ ପ୍ରକାଶକ ସେମାନଙ୍କୁ କୃତଜ୍ଞତା ଜଣାଉଛନ୍ତି।

ISBN 81-237- 1860-8

---

ପ୍ରଥମ ସଂସ୍କରଣ 1982 (ଶକାବ୍ଦ 1903)

ତୃତୀୟ ସଂସ୍କରଣ 1996 (ଶକାବ୍ଦ 1918)

© ଲେଖକାଧୀନ, 1982

GANGA-JAMUNA (*Oriya*)

**ଟ. 4.50**

ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ଏ-5, ଗ୍ରୀନ୍ ପାର୍କ,
ନୂଆଦିଲ୍ଲୀ - 110 016 କର୍ତ୍ତୃକ ପ୍ରକାଶିତ।

ବିଦେଇ ପଧାନଙ୍କ ମନ ଆଜି ବଡ଼ ଚଞ୍ଚଳ । ସେ ଖାଲି ଘରୁ ବାହାର, ବାହାରୁ ଘର ହେଉଚନ୍ତି । ରାତି ହେଲାଣି ଚାରିଘଡ଼ି । ପଦନ କେତେବେଳକୁ ଆସିବ । ଏତିକି ବେଳେ ପଦନ ଆସି ଲମ୍ବ ହୋଇ ଗୋଡ଼ତଳେ ପଡ଼ିଗଲା । ଆଉ କି ପଧାନେ ସମ୍ଭାଳନ୍ତି ! ପୁଅକୁ କୁଣ୍ଢେଇ ପକାଇ କଇଁ କଇଁ ହୋଇ ଗୁଡ଼େ କାନ୍ଦି ପକାଇଲେ । କହିଲେ, ମା ଚାଲିଗଲା ବୋଲି ତମେ ସବୁ ମୋତେ ଭୁଲିଗଲ । ତୁ ରହିଲୁ ମହୀଶୂରରେ, ସନା ରହିଲା କାଶୀରେ, ରାଉରକେଲାରେ ଥାଇ ନେତ ବି ଦିନେହେଲେ ପାଦ ପକେଇଲାନି । ଯା ନା କଥା ! ଖାଇସାରି ବାପପୁଅ ଗପ କରୁ କରୁ ଶୋଇପଡ଼ିଲେ ।

ତହିଁ ଆରଦିନ, ଗାଁ ଲୋକେ ଆସି ପଦନ ସାଥିରେ ସଂସାର ଯାକର କଥା ପକେଇଲେ । ରାତିକୁ ପଧାନେ ପୁଅକୁ ପାଖରେ ବସାଇ ପୁଣି ଦୁଃଖ ବଖାଣିଲେ । ତାଙ୍କର ସେଇ ଗୋଟିଏ ଯିଦ୍ ପଦନ ଆଉ ସନା ଗାଁ ପାଖରେ ଚାକିରି-କରିବେ । ପଦନ କହିଲା, ବାପା, ମୁଁ ଦେଢ଼ମାସ ଛୁଟି ନେଇ ଆସିଛି । ତୁମେ ତୀର୍ଥ କରି ଯିବାକୁ ତିଆରି ତ ? ପଧାନେ କହିଲେ, ହଁରେ ବାପା, ଯିବ ବୋଲି ତ ତୋ ବାଟ ଜଗି ବସିଛି । ଆଗେ, ଜଗନ୍ନାଥ ଦର୍ଶନକୁ ଯିବା, ତେଣିକି ଆଉ ଯୁଆଡ଼େ ନେବୁ ତୋ ଇଚ୍ଛା ।

ବାପପୁଅ ଦହେଁ ପୁରୀରେ ଜଗନ୍ନାଥ ଦର୍ଶନ କଲେ । ମହାପ୍ରସାଦ ଖାଇଲେ । ବଡ଼ ଦାଣ୍ଡରେ ବୁଲୁ ବୁଲୁ ପଧାନଙ୍କର ଖାଲି ରଥଯାତ୍ରା କଥା ମନେପଡ଼ିଗଲା । କହିଲେ, କୋଉ ରାଇଜରୁ ଲୋକେ ରଥ ଦେଖିବାକୁ ନଆସନ୍ତି । ଚନ୍ଦନ କହିଲା, ବାପା, ପୁରସ୍ତମ ଧାମ ଖାଲି ଓଡ଼ିଶାର ନୁହେଁ, ଦେଶ ଗୋଟାକର । ତମେ ତ କୀର୍ତ୍ତନ କରୁଚ, 'ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ' । ପଧାନେ କହିଲେ, ଚୈତନ୍ୟ ମହାପ୍ରଭୁଙ୍କ ଭଜନ ନ ଜାଣେ କିଏ ?

ପୁଅ କହିଲା, ହିଁ, ସେଇ ଚୈତନ୍ୟ ପାଞ୍ଚଶ ବର୍ଷତଳେ ବଙ୍ଗଦେଶରୁ ଜଗନ୍ନାଥଙ୍କ କ୍ଷେତ୍ରକୁ ଆସିଥିଲେ । ଆମ ରାଇଜର ଲୋକେ ତାଙ୍କଠୁ ବୈଷ୍ଣବ ଦୀକ୍ଷା ନେଲେ । ଜଗନ୍ନାଥଙ୍କୁ ଆଶ୍ରାକରି ଏଇଠାରେ ଜୟଦେବ ତାଙ୍କ ଗୀତ-ଗୋବିନ୍ଦ ରଚନା କରିଥିଲେ । ତାଙ୍କ ଦଶାବତାର ଗୀତ ନ ଜାଣେ କିଏ ! ଆଚ୍ଛା ବାପା, ଶଙ୍କରାଚାର୍ଯ୍ୟ ମଠ ଜାଣିଚ ?

ହିଁ, ଶୁଣିଚି ଯେ, ମୋତେ କଣ ଜଣା ?

ବାରଶ ବର୍ଷତଳେ କେରଳରୁ ଶଙ୍କରାଚାର୍ଯ୍ୟ ଏଠିକି ଆସିଥିଲେ । ସେ ଚାଲି ଚାଲି ସାରା ଭାରତବର୍ଷ ବୁଲିଥିଲେ । ଚାରିକୋଣରେ ଚାରିଧାମ ପ୍ରତିଷ୍ଠା କଲେ । ସେ ଗୁଡ଼ିକ ହେଲା ପୁରୀ, ବଦ୍ରୀନାଥ, ଦ୍ୱାରକା ଆଉ ରାମେଶ୍ୱର ।

ପୁରୀରୁ ଦହେଁ ଯାଇ କଲିକତା ଗଲେ । ଚିଡ଼ିଆଖାନା, ଯାଦୁଘର, କାଳି-ମନ୍ଦିର ଦେଖି ପଧାନେ ଭାରି ଖୁସି । ତାପରେ

ସେମାନେ ପହଞ୍ଚିଲେ ରାମକୃଷ୍ଣ ମଠରେ । ପଦନ କହିଲା, ବାପା, ରାମକୃଷ୍ଣ ଯିନା ପାଠ ପଢ଼ି ନଥିଲେ, ସାଧନା ବଳରେ ସେ ଜଣେ ଥିଲେ ମହାପୁରୁଷ । ତାଙ୍କର ମତ, ଖାଲି ଭଗବାନଙ୍କୁ ଡାକିଲେ ଚଳିବନି, ଭଲ ଆଚରଣ କଲେ ମଣିଷ ସଂସାରରେ ଭଲରେ ଚଳିବ ।

ସ୍ୱାମୀ ବିବେକାନନ୍ଦ ଥିଲେ ରାମକୃଷ୍ଣଙ୍କର ଶିଷ୍ୟ । ସେ ଆମ ଦେଶର ମୁନି-ଋଷିମାନଙ୍କ ମହତ୍‌ବାଣୀ ଲୋକଙ୍କ ଭିତରେ ପ୍ରଚାର କଲେ । ତାଙ୍କ ବିଷୟରେ ତ ବହୁତ ବହି ଅଛି, ତମେ ଟିକିଏ ପଢ଼ିବ ।

ରାମମୋହନ ରାୟ ବୋଲି ଆଉ ଜଣେ ବଡ଼ ଲୋକ ବଙ୍ଗଳା ରାଇଜରେ ଥିଲେ । ସେ ଗୋରା ସରକାରଙ୍କ ଅମଳରେ ଏ ଦେଶରେ ଏବ କାଳର ପାଠ ଚଳେଇ ଥିଲେ । ଲୋକେ ନୂଆ କଥା ଶିଖିଲେ, ମନ ବଦଳିଲା । ଝିଅମାନେ ମଧ୍ୟ ପାଠ ପଢ଼ିଲେ । ସେଇଥିପାଇଁ ଆମ ଦେଶ ଆଜି ଆଗେଇଚ ।

କଲିକତା ସହର ଦେଖି ପଧାନେ ଆଚମ୍ବିତ ହୋଇ-ଗଲେ । ଓହୋ ! କୋଉ ରାଇଜର ଲୋକେ ଏଠାରେ ନାହାନ୍ତି ! ତାପରେ ସେମାନେ ଗୟା ଗଲେ । ପଦନ ତା ମା'କୁ ସେଠାରେ ପିଣ୍ଡ ଦେଲା । ପ୍ରତିଦିନ ଆମ ଦେଶର ଶହ ଶହ ଲୋକ ଏଠାରେ ପିଣ୍ଡ ଦିଅନ୍ତି ।

ବୁଦ୍ଧଗୟାରେ ସେମାନେ ବୁଦ୍ଧଦେବଙ୍କ ମୂର୍ତ୍ତି ଦେଖିଲେ । ଅଢ଼େଇ ହଜାର ବରଷ ତଳେ ଗୌତମ ଜନ୍ମ ହୋଇଥିଲେ । ସେ ଥିଲେ ରଜାଘରର ପୁଅ । ଏଇଠି ତପସ୍ୟା କରି ଜ୍ଞାନ ଲାଭକଲେ । ସେ ତାପରେ ହେଲେ ବୁଦ୍ଧଦେବ । ଜୀବହତ୍ୟା, ଚୋରି, ଲୋଭ, ମୋହ ଛାଡ଼ିବାକୁ ବୁଦ୍ଧଦେବ ଲୋକଙ୍କୁ ଶିକ୍ଷା ଦେଇଥିଲେ ।

ଅଶୋକ ଥିଲେ ମଗଧର ରାଜା, ରାଜ୍ୟ ଜୟକରିବା ତାଙ୍କର ନିଶା । ସେତେବେଳେ ଓଡ଼ିଶାର ନାଁ ଥିଲା କଳିଙ୍ଗ । ଅଶୋକ କଳିଙ୍ଗ ରାଜାଙ୍କ ସଙ୍ଗେ ଯୁଦ୍ଧକରି ଲକ୍ଷେ ଲୋକ ମାରି ପକାଇଲେ । ଭୁବନେଶ୍ୱର ପାଖରେ ଧଉଳି ପାହାଡ଼ ପାଖରେ ଏଇ ଯୁଦ୍ଧ ହେଇଥିଲା । ବୌଦ୍ଧ ସନ୍ୟାସୀମାନେ ଅଶୋକଙ୍କ ହୃଦୟକୁ ବଦଳାଇ ଦେଲେ । ଅଶୋକ ଯୁଦ୍ଧ ଛାଡ଼ିଦେଇ ବୁଦ୍ଧଦେବଙ୍କ ଉପଦେଶ ପ୍ରଚାରକଲେ । ବାପା, ତମେ ତ ଭୁବନେଶ୍ୱରର ଖଣ୍ଡଗିରି ଦେଖିଚ । ଏଠି ପାହାଡ଼ ଉପରେ ବହୁତ ଗୁମ୍ଫା ଅଛି । ଆଗେ ଜୈନ ମୁନି–ଋଷିମାନେ ସେଠାରେ ଲୋକଙ୍କୁ ଧର୍ମଶିକ୍ଷା ଦେଉଥିଲେ । ମହାବୀର ଜୈନ ଥିଲେ ଜୈନ ଧର୍ମର ପ୍ରଥମ ଗୁରୁ । ଅହିଂସା ଥିଲା ଏ ଧର୍ମର ମୂଳ ନୀତି ।

ଏଥର ବାପପୁଅ ବନାରସରେ ପହଞ୍ଚିଲେ । ଷ୍ଟେସନରେ ସାନପୁଅକୁ ଦେଖି ପଧାନେ କୁଣ୍ଢେଇ ପକେଇ କାନ୍ଦିଲେ । କହିଲେ, ସନାରେ ! ଏତେଦିନକେ ତତେ ଦେଖିଲି । କେତେ ଦୂରରେ ତୁ ଅଛୁ ! ସନା କହିଲା ବାପା, ଦୂର କ'ଣ ? ପୁରୀ ଆଉ ବନାରସ ତ

ଏଇ ଗୋଟିଏ ଦେଶରେ । ଗଙ୍ଗାସ୍ନାନ କରି ପଧାନେ କାଶୀ ବିଶ୍ୱନାଥଙ୍କୁ ଦର୍ଶନ କଲେ ।

ଆରଦିନ ସନା ବାପାଙ୍କୁ ତା' କଲେଜ ବୁଲେଇ ନେଲା । କେଡ଼େ ସୁନ୍ଦର କୋଠାବାଡ଼ି । ସତେ ଯେମିତି ଗୋଟିଏ ସହର । ସନା କହିଲା, ଏଠି ସବୁ ପ୍ରକାରର ପାଠ ଅଛି । ସାରା ଦେଶର ଛାତ୍ରମାନେ ଆସି ଏଠାରେ ପଢ଼ନ୍ତି ।

ପରଦିନ ସକାଳେ ସନା ଆସି ବାପାଭାଇଙ୍କୁ ଷ୍ଟେସନରେ ଛାଡ଼ିଲା । ପଧାନଙ୍କ ଆଖି ଲୁହରେ ଛଳଛଳ । ଗଲାବେଳେ କହିଲେ ବାପାରେ, ଦିହକୁ ଜଗି ଚଳୁଥିବୁ । ଗାଡ଼ି ଆଲ୍ଲାହାବାଦରେ ପହଞ୍ଚିଲା, ସେମାନେ ଓହ୍ଲାଇଲେ । ଏଇଠାରେ ଯମୁନା ନଦୀ ଗଙ୍ଗାନଦୀରେ ମିଶିଛି । ଏହାକୁ ପ୍ରୟାଗ କହନ୍ତି । ସେଠାରେ ସେମାନେ ସ୍ନାନକଲେ । ପଣ୍ଡାମାନେ ଚାରିପାଖରେ ବେଢ଼ିଗଲେ । ଖାତାଟିଏ ବଢ଼େଇ ଦେଇ ନାଁ ଗାଁ ଲେଖିବାକୁ ପଧାନଙ୍କୁ କହିଲେ । ପଧାନେ ଖାତାରେ ଶହ ଶହ ଓଡ଼ିଆ ଲୋକଙ୍କ ନାଁ ଗାଁ ଦେଖି କାବା । ସେ ଲେଖିଲେ, ଗାଁ-ଶରଧାପୁର, ପୋଃଅଃ କଣ୍ଟିଲୋ, ଜିଲ୍ଲା-ପୁରୀ । ପଣ୍ଡାମାନେ ସାଙ୍ଗେ ସାଙ୍ଗେ ସେଇ ଗାଁର ନାଥ ସାନ୍ତରା ଆଉ ମାଣିକ ଦେଇଙ୍କ ନାଁ ଖାତାରୁ ଦେଖାଇ ଦେଲେ । ପଧାନେ ଅବାକ୍ ।

ଏଥର ପଧାନେ ଆଉ ପଦନ ଆଗ୍ରା ଚାଲିଲେ । ତାଜମହଲ, ଆଗ୍ରା କିଲ୍ଲା, ଆକବରଙ୍କ କିଲ୍ଲା, ଆଉ ତାଙ୍କ କବର ଦେଖିଲେ । ଏସବୁ ଦେଖି ପଧାନଙ୍କ ଆଖି ଖୋସି ହୋଇଗଲା । ପୃଥିବୀର ଚାରିଆଡ଼ୁ ଲୋକେ ଏ ସବୁ ଦେଖିବାକୁ ଆସନ୍ତି ।

ତା ପରେ ସେମାନେ ଦିଲ୍ଲୀ ଗଲେ । ସେଠାରେ ଲାଲକିଲ୍ଲା, କୁତବ ମିନାର, ହୁମାୟୁନ୍‌ଙ୍କ କବର, ପୁରୁଣା କିଲ୍ଲା ଦେଖିଲେ । ଯାମା ମସଜିଦ୍ ଦେଖି ପଧାନେ ଆଶ୍ଚର୍ଯ୍ୟ ହୋଇଗଲେ । ଏଇଠାରେ ହଜାର ହଜାର ମୁସଲମାନ ଏକାଠି ଆଲ୍ଲାଙ୍କୁ ପ୍ରାର୍ଥନା କରନ୍ତି । ପଦନ କହିଲା, ବାପା, ଆଗ୍ରା ଆଉ ଦିଲ୍ଲୀର ଏଇ ସବୁ କୀର୍ତ୍ତି ମୁସଲମାନ ରାଜାଙ୍କ ଅମଳର ।

ମୁସଲମାନ ରାଜାଙ୍କ ଭିତରେ ଆକବର ପ୍ରଧାନ ଥିଲେ । ସେ ସବୁ ଧର୍ମ ଓ ସବୁ ଧର୍ମର ଲୋକଙ୍କୁ ସମାନ ଆଖିରେ ଦେଖୁଥିଲେ । ଆମ ଦେଶରେ ଯେଉଁ ଢଙ୍ଗରେ ଆଜି କୋର୍ଟ କଚେରି କାମ ଚାଲୁଛି, ତାକୁ ଆକବର ଚଳେଇଥିଲେ । ଜମି ଜମା ବନ୍ଦୋବସ୍ତ କାମ ତାଙ୍କର ଅମଳରୁ ଚାଲି ଆସୁଛି ।

ଦିଲ୍ଲୀରେ ସେମାନେ ବିରଲା ମନ୍ଦିର ଆଉ ବିରଲା ଭବନ ଦେଖିଲେ । ତାପରେ ପଦନ ବାପାଙ୍କୁ ପାର୍ଲିଆମେଣ୍ଟ ଭବନ, ରାଷ୍ଟ୍ରପତି ଭବନ, ମନ୍ତ୍ରଣାଳୟ ବୁଲାଇ ଦେଖାଇଲା । ପାର୍ଲିଆମେଣ୍ଟ ଭବନରେ ସାରାଦେଶର ଏମ୍. ପି. ମାନେ ସଭା କରନ୍ତି । ଦେଶର ହାନି ଲାଭ ବୁଝନ୍ତି । ଆଇନ୍ ପାଶ୍ କରାଯାଏ । ସେଇ ଆଇନ୍‌ରେ ଆମ ଦେଶ ଚଳେ । ରାଷ୍ଟ୍ରପତି ଭବନରେ ଆମ ରାଷ୍ଟ୍ରପତି ରହନ୍ତି । ପଧାନେ କେତେଜଣ ଓଡ଼ିଶା ଏମ୍.ପି.ଙ୍କୁ ଭେଟିଲେ । ଦିଲ୍ଲୀରେ ଆମ ଓଡ଼ିଆ ଲୋକେ ବହୁତ ବଡ଼ ବଡ଼ ଚାକିରି ଆଉ ବ୍ୟବସାୟ କରୁଥିବାର ଶୁଣି ଖୁସି ହେଲେ ।

ଏଥର ସେମାନେ ହରିଆନା ଓ ପଞ୍ଜାବ ଗଲେ । ବାଟରେ ପଡ଼ିଲା କୁରୁକ୍ଷେତ୍ର । ପଦନ କହିଲା, ବାପା, ଏଇଠାରେ ମହାଭାରତ

ସୁନ୍ଧ ହୋଇଥିଲା । ଏବେ ଏଠାରେ ଗୋଟିଏ ବଡ଼ ସହର ବସିଛି । ଚଣ୍ଡୀଗଡ଼ରେ ଦିନଟିଏ ରହି ସେମାନେ ଅମୃତସର ଗଲେ । ଏହା ଶିଖମାନଙ୍କର ପ୍ରଧାନ ଧର୍ମପୀଠ । ସେଠାରେ ଶିଖମାନଙ୍କର ଧର୍ମମନ୍ଦିର ଦେଖିଲେ । ତାହା ଦେଖିବାକୁ ଭାରି ସୁନ୍ଦର । ଗୁରୁ ନାନକ ଶିଖମାନଙ୍କର ପ୍ରଥମ ଧର୍ମଗୁରୁ ।

ମନ୍ଦିରର ଅଳ୍ପ ବାଟରେ ଜାଲିଆନା ବାଗ । ପଦନ କହିଲା, ବାପା, ଏହା ଆଉ ଗୋଟିଏ ତୀର୍ଥସ୍ଥାନ । ବହୁତଦିନ ତଳେ, ଆମ ଦେଶକୁ ସ୍ୱାଧୀନ କରିବାପାଇଁ ଗୋଟାଏ ବଡ଼ ସଭା ଏଇଠାରେ ଚାଲିଥିଲା । ଜଣେ ଗୋରା ସେନାପତି ଫଉଜ ଆଣି ଗୁଳିଚଳେଇ ରକ୍ତର ନଦୀ ଛୁଟେଇଥିଲେ । ତେବେବି ଲୋକେ ଦବିଲେନି, ଆନ୍ଦୋଳନ ତେଜିଲା । ପଦନ କହିଲା, ଏ ଅଞ୍ଚଳର ଲୋକେ ଯୁଦ୍ଧ କରିବାକୁ ଯେମିତି ଧୁରନ୍ଧର, ଚାଷରେ ମଧ୍ୟ ସେମିତି ପାରିବାର । ଲାଲ ବାହାଦୁର ଶାସ୍ତ୍ରୀଙ୍କ 'ଜୟ ଜବାନ ଜୟ କିସାନ୍' କଥାଟି ଏଇଠାରେ ସତ ହୋଇଛି । ପଧାନେ ଫେରିବା ଆଗରୁ ନାତି ନାତୁଣୀଙ୍କ ପାଇଁ ଦୁଇଟି ଉଲ୍ ଜାମା କିଣିଲେ ।

ସେମାନେ ହରଦ୍ୱାରରେ ପହଞ୍ଚିଲେ । ଓହୋ, ଏତିକି ଯାତ୍ରୀ ଲମ୍ବିଚନ୍ତି ! ପଞ୍ଜାବୀ, ବଙ୍ଗାଳୀ, ଓଡ଼ିଆ ! କିଏ ନ ଯାଉଛି । ପଧାନେ ହରଦ୍ୱାରରେ ଗଙ୍ଗା ସ୍ନାନ କଲେ । କି ହେମାଳ ସେ ପାଣି ! ତା'ପରେ ଗଲେ ବଦ୍ରୀନାଥ ।

ବସ୍ ଯାଉଛି ତ ଯାଉଛି । ପର୍ବତରୁ ପର୍ବତ ଡେଇଁ ଡେଇଁ ଦି ଦିନରେ ସେମାନେ ବଦ୍ରୀନାଥରେ ପହଞ୍ଚିଲେ ।

ଓହୋ, କେଡ଼େ ଉଚ୍ଚ ଉଚ୍ଚ ପର୍ବତ, ଆଖି ପାଉନି । ଦୂରରୁ ଏ ଗୁଡ଼ିକ ବରଫରେ ଧଳା ଦେଖା ଯାଉଥାଏ । ପଧାନେ ଭାବିଲେ, କାହିଁ···ବଦ୍ରୀନାଥ, କାହିଁ ଆମ ଗାଁ ଶରଧାପୁର ! ସେ କାଳରେ ପାଣ୍ଡବମାନେ ସିନା ହିମାଳୟରେ ଚଢ଼ି ସରଗକୁ ଯାଇଥିଲେ, ଆମେ ତ ଏବେ ଭାରି ମଜାରେ ତା ଉପରକୁ ଚଢ଼ୁଚୁ । ଧନ୍ୟ ଏ ଦେଶ, ଧନ୍ୟ ଏ ଯୁଗ । ଦିଅଁ ଦର୍ଶନ ସାରି ଫେରିଲା ବାଟରେ ସେମାନେ ଋଷିକେଶରେ ଦି ଦିନ ରହିଲେ । ପଧାନେ ସେଠାରେ ଗୀତାଶ୍ରମ, ଆଉ କେତେ ସାଧୁସନ୍ଥଙ୍କ ଆଶ୍ରମ, ଦିଅଁ ଦେଉଳ ଦେଖିଲେ । ଗଙ୍ଗା କୂଳରେ ଏ ଜାଗାଟି ତାଙ୍କୁ ଭଲ ଲାଗିଲା । ସେ ଲକ୍ଷ୍ମଣ ଝୁଲା ମଧ୍ୟ ଦେଖିଲେ ।

ସେମାନେ ଏଥର ଆସି ପହଞ୍ଚିଲେ ମଥୁରାରେ । ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ଦେଖିଲେ । ବୃନ୍ଦାବନ ବୁଲି ଦିଅଁ ଦେବତା, ଦେଉଳ ସବୁ ଦେଖିଲେ । ଏଠାରେ ବହୁତ ବୈଷ୍ଣବ ମଠ ବାଡ଼ି କରି ରହିଛନ୍ତି । ଆମ ଓଡ଼ିଶାର ଅନେକ ଲୋକଙ୍କୁ ମଧ୍ୟ ସେ ସେଠାରେ ଦେଖି ଖୁସି ହେଲେ ।

ତା'ପରେ ସେମାନେ ରାଜସ୍ଥାନ ଜୟପୁର ଗଲେ । ଜୟପୁର ସହରଟି ଗୋଟିଏ ଭାରି ସୁନ୍ଦର ସହର । ଏଠିକାର ରାଜାମାନଙ୍କ ଘରେ ଆମ ଓଡ଼ିଶାର ରାଜାମାନେ ବନ୍ଧୁ ବାନ୍ଧୁଥିଲେ । ସେଠାରୁ ପଧାନେ ଝିଅପାଇଁ ଶାଢ଼ି, ଚଦର, ଆଉ ନାତି ନାତୁଣୀଙ୍କ ପାଇଁ କାଠ ପିତ୍ତଳର କଣ୍ଢେଇ କିଣିଲେ । ସେଠୁ ପଦନ ବାପାଙ୍କୁ ନେଲା ଗୁଜରାଟ ।

ଗାନ୍ଧିଜୀଙ୍କ ସାବରମତି ଆଶ୍ରମ ଆଉ ପୋର ବନ୍ଦରରେ ତାଙ୍କ ଜନ୍ମସ୍ଥାନ ସେମାନେ ଦେଖିଲେ । ଆହା, ଏ ଜାଗା କେଡ଼େ ବଡ଼ ମହାତ୍ମାଙ୍କୁ ଜନ୍ମ ଦେଇ ନ ଥିଲା ! ଏହା ପରେ ସେ ସେହିଁ ଦ୍ୱାରକା ଧାମକୁ ଗଲେ । ଏଠାରେ ପଧାନଙ୍କର ଶ୍ରୀକୃଷ୍ଣଙ୍କ ଦ୍ୱାରକା ଲୀଳା ମନେ ପଡ଼ିଲା । ଚାରିଧାମ ଭିତରୁ ଦ୍ୱାରକା ଗୋଟିଏ ଧାମ ।

ପଦନ ବାପାଙ୍କୁ ଗୁଜରାଟର ଗୋଟିଏ ଗାଁକୁ ନେଇଗଲା । ତା ନାଁ ବଡ଼କୁଆଁ । ସେ ଗାଁରେ ମଗନ ଭାଇ ବୋଲି ପଦନର ବନ୍ଧୁ ଜଣେ ଥିଲେ । ସେ ଏମାନଙ୍କୁ ଦେଖି ଭାରି ଖୁସି ହେଲେ । ଆଦରରେ ତାଙ୍କର ଚର୍ଚ୍ଚା କଲେ । ମଗନ ଭାଇ କହିଲେ, ବୁଝିଲ ପଦ୍ମନାଭ, ମୁଁ ତମ ସେହିଁଙ୍କ କଥାବାର୍ତ୍ତା ବୁଝିପାରୁଛି । ଗୁଜରାଟର ଗୁଜରାଟୀ, ମହାରାଷ୍ଟ୍ରର ମରାଠୀ ଆଉ ଓଡ଼ିଆ ଭାଷା ଭିତରେ ବହୁତ ମେଳ ଅଛି । ପଦନ କହିଲା, ବାପା ନୂଆକରି ଇଆଡ଼େ ଆସିଚନ୍ତି । ଭିନ୍ନ ଭିନ୍ନ ଲୋକ ଦେଖି, ତାଙ୍କ ଭାଷା ଶୁଣି ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଚି । ମଗନ ଭାଇ ଉତ୍ତର ଦେଲେ, ଆମେ ଯେତେ ଅଲଗା ଜଣାଗଲେ ବି ସମସ୍ତେ ସେଇ ଗୋଟିଏ କୁଟୁମ୍ବର ଲୋକ । ଆମ ଦେଶର ସାଧୁ ସନ୍ଥ ଜ୍ଞାନୀ ମାନୀ ଏ ଦେଶକୁ ଏକ କରି ଗଢ଼ିଚନ୍ତି ।

ମଗନ ଭାଇ ପଚାରିଲେ, ଆଚ୍ଛା ପଦ୍ମନାଭ, ପିତାଜୀ ଏତେ ଜାଗା ତ ବୁଲିଲେଣି । ଖିଆ ପିଆର ଅସୁବିଧା କିଛି ହେଉ ନାହିଁ ତ । ପଧାନେ ପାଟିରୁ କଥା ଛଡ଼େଇ ନେଇ କହିଲେ,

ଆମେ ଓଡ଼ିଆ ଲୋକ, ଭାତ ଖାଉ । ଆଜିକାଲି ଆମର ବି ରୁଟି ଚଳିଲାଣି । ଭାତ, ରୁଟି, ଡାଲି, ତରକାରୀ ସବୁଠି ମିଳୁଚି । ତା'ଛଡ଼ା ଇଡ଼୍‌ଲି, ଦୋସା, ଉପମା, ସମ୍ବର, ହାଲୁଆ, ବରା, ପକୋଡ଼ି ନ ମିଳୁଚି ବା କୋଉଠି ? ଅସୁବିଧା କଣ ?

ମଗନ ଭାଇ କହିଲେ, ଆପଣ ଠିକ୍ କହୁଛନ୍ତି । ଆଚ୍ଛା, କଥାବାର୍ତ୍ତା କରିବାରେ ଆପଣଙ୍କର ଅସୁବିଧା କଣ ହଉଚି ? ପଧାନେ କହିଲେ ମୁଁ ବଙ୍ଗଳା, ହିନ୍ଦୀ ବୁଝିପାଉଚି, କହିପାରୁନି । ଗୁଜୁରାଟୀ ଭାଷା ବି ଅଳପ ଅଳପ ବୁଝୁଚି । ନଈକେ ବାଙ୍କ, ଦେଶକେ ଫାଙ୍କ । ମଗନ ଭାଇ ହସିଦେଲେ, କହିଲେ, ପିତାଜୀ, ଏବେପରି ନଈମାନେ ସିଧା ହେଇଗଲେଣି । ଫାଙ୍କସବୁ ବୁଜି ହେଇଗଲାଣି । ମୁଁ ଭାବୁଚି ହିନ୍ଦି ତ ସମସ୍ତେ ବୁଝୁଚନ୍ତି, ତାହା ଟିକିଏ ଶିଖିଗଲେ ସବୁ ସୁବିଧା ହୋଇଯିବ । ଆଉ ବି ଗୋଟାଏ କଥା । ଗୋଟିଏ ରାଜ୍ୟର ପୁଅ ଝିଅ ଏଣିକି ଆଉ ଗୋଟିଏ ରାଜ୍ୟରେ ବାହା ହେଲେଣି । ଏଇ ଗୁଜରାଟର ଅନେକ ପୁଅ ଝିଅ ଓଡ଼ିଶାରେ ବାହା ହେବାର ମୁଁ ଜାଣିଚି ।

ପଦନ କହିଲା, ବାପା, ମଗନ ଭାଇ ଜଣେ ପଣ୍ଡିତ ଲୋକ । ସେ ଆମ ଓଡ଼ିଶାର ଚାରିଆଡ଼େ ବୁଲିଚନ୍ତି । ମଗନ ଭାଇ ପୁଣି କହିଲେ, ପିତାଜୀ, ରାମାୟଣ ମହାଭାରତ ହେଲା ଏ ଦେଶର ଜୀବନ । ଆପଣ ଦେଶସାରା ଯୁଆଡ଼େ ଯିବେ, ଗିନି, ମୃଦଙ୍ଗ, ଖଞ୍ଜଣି ମାଡ଼ ଶୁଣିବେ । ସମସ୍ତେ ଭଜନ ବୋଲନ୍ତି ।

ପଧାନେ ହସି ହସି କହିଲେ, ଠିକ୍ ମରମ କଥାଟି କହିଲ ।

ପରଦିନ ପଦନ ଆଉ ପଧାନେ ବିଦାୟ ନେଇ ବମ୍ବେ ଗଲେ । ଭାରତର ପଶ୍ଚିମରେ ବମ୍ବେ ବଡ଼ ବନ୍ଦର ଓ ସହର । ଏଠିକାର ଖୁବ୍ ଉଚା କୋଠାବାଡ଼ି ଦେଖି ପଧାନେ ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ, ଓହୋ ଚାହିଁଲା ବେଳକୁ ମୁଣ୍ଡରୁ ଠେକା ଖସି ପଡୁଛି ।

ପଦନ କହିଲା, ବମ୍ବେ ମହାରାଷ୍ଟ୍ର ରାଜ୍ୟରେ । ହେଲେ, ଏଠାରେ ସାରା ଭାରତ କାହିଁକି ପୃଥିବୀର ଲୋକ ବି ଅଛନ୍ତି । ଏହାକୁ ସିନେମା ସହର କହନ୍ତି । ଏଠାରୁ ସିନେମା ଯାଇ ଦେଶସାରା ସିନେମାଘର ମାନଙ୍କରେ ଦେଖାଯାଏ ।

ଏଥର ବମ୍ବେରୁ ବାପପୁଅ ଗଲେ ମହୀଶୂର । କର୍ଣ୍ଣାଟକ ରାଜ୍ୟର ଏଇଟି ଗୋଟିଏ ବଡ଼ ସହର । ପଦନ ଏଇଠି କୃଷି କଲେଜରେ ପାଠ ପଢ଼ାଏ । ସେ ଏଠିକାର କନ୍ନଡ଼ ଭାଷା ମଧ୍ୟ ଜାଣେ । ସେଠାରେ ପଧାନେ ରାଜାଙ୍କ ନଅର, ଯାଦୁଘର ଆଦି ଦେଖିଲେ । ନିକଟରେ ଚାମୁଣ୍ଡି ପାହାଡ଼, ତା ଉପରେ ମନ୍ଦିରଟିଏ । ସେଇଠି ଗୋଟିଏ ପଥରରେ ଗଢ଼ା ବିରାଟ ଏକ ଷଣ୍ଢ ମୂର୍ତ୍ତି । ତା ନାଁ ନନ୍ଦୀ । କୋଣାର୍କ ଘୋଡ଼ାପରି ଏହା ଭାରତ ବିଖ୍ୟାତ ।

ମହୀଶୂରରେ ଦିନେ ରହିବାପରେ ପଦନ ଗୋଟିଏ ଗାଁକୁ ବୁଢ଼ାଙ୍କୁ ନେଇଗଲା । ଗାଁଟିର ନାଁ କନକପଲ୍ଲୀ । ସେମାନେ ସେଠାରେ ତୁଳସୀରାମ ଦାସାପ୍ପାଙ୍କ ଘରେ ପହଞ୍ଚିଲେ । ଦାସାପ୍ପା, ସ୍ତ୍ରୀ କାନ୍ତାମ୍ମା, ଝିଅ ସରୋଜିନୀ ଏମାନଙ୍କୁ ଦେଖି

ଭାରି ଖୁସି ହେଲେ । ବଡ଼ଝିଅ ଥାଏ ବାଙ୍ଗାଲୋରରେ । ତା ସ୍ୱାମୀ ସେଠାରେ ବ୍ୟବସାୟ କରନ୍ତି । ସେ ପଦନର ବଡ଼ ସାଙ୍ଗ । ସରୋଜିନୀ ପଶୁ ଡାକ୍ତରୀ ପାଶ୍ କରିଛି ।

ପଧାନେ ଦାସାପ୍ପାଙ୍କ କଦଳୀ ନଡ଼ିଆ ବଗିଚା, ଧାନକ୍ଷେତ ଦେଖି କାବା ହେଇଗଲେ । ଏତିକି ବଡ଼ ବାଡ଼ି, ଆଖି ପାଉନି । ପୋଖରୀରେ ମାଛ-ଚାଷ ବି ହୋଇଛି । ଦାସାପ୍ପାଙ୍କ ଘରେ ସିନାହ ଶରଧା ପାଇ ପଧାନେ ଭାରି ଖୁସି । ସେମାନଙ୍କ ଚର୍ଚ୍ଚା କହିଲେ ନ ସରେ । ହିନ୍ଦିରେ ସେମାନେ କଥାବାର୍ତ୍ତା ହେଉଥାନ୍ତି । ପଧାନେ ଓଡ଼ିଆ ମିଶା ହିନ୍ଦିରେ ଚଳେଇ ଦେଲେ । ସେମାନେ ବୁଝିଗଲେ । ଦାସାପ୍ପାଙ୍କ ଘରେ ତାଙ୍କ ପିଲାମାନେ ନିଜେ ଘରକାମ ସବୁ କରନ୍ତି । ପଧାନେ ସରୋଜିନୀର କାମଦାମ ଦେଖି ଭାରି ପସନ୍ଦ କଲେ ।

ଦାସାପ୍ପା କହିଲେ, ତାଙ୍କର ଏଇ ସୁନ୍ଦର ବାଡ଼ି ବଗିଚା ପଦ୍ମନାଭଙ୍କ ପାଇଁ । ତାଙ୍କ ସାହାଯ୍ୟରୁ ଏଇ ଫାର୍ମଟି ହୋଇ ପାରିଛି । ପଧାନେ ଏ କଥା ଶୁଣି ଖୁସି ହୋଇଗଲେ ।

କନକପଲ୍ଲୀରୁ ଯାଇ ବାପପୁଅ କେରଳରେ ପହଞ୍ଚିଲେ । ଶଙ୍କରାଚାର୍ଯ୍ୟଙ୍କ ଜନ୍ମ ଏଇ ରାଜ୍ୟରେ । ତ୍ରିଭାନ୍ଦ୍ରମରେ ସେମାନେ ପଦ୍ମନାଭ ମନ୍ଦିର, ବିରାଟ ଅନନ୍ତଶୟନ ମୂର୍ତ୍ତି ଦେଖିଲେ । ଦେଉଳର ବେଢ଼ା, କାରୁକାର୍ଯ୍ୟ, ପୂଜାବିଧି ପଧାନଙ୍କୁ ଭଲ ଲାଗିଲା । ଏଇ ସହରରେ ଖ୍ରୀଷ୍ଟିଆନ୍‌ମାନଙ୍କର ବଡ଼ ବଡ଼ ଗିର୍ଜା ଅଛି । ଏଠାରେ ସେମାନେ ପ୍ରାର୍ଥନା କରନ୍ତି । ପଧାନେ ବୁଲି

ବୁଲି ସେ ସବୁ ଦେଖିଲେ । ସେଠିକାର ଯାଦୁଘର, ଚିଡ଼ିଆଖାନା ତାଙ୍କୁ ଭାରି ଭଲ ଲାଗିଲା । ନାତି ନାତୁଣୀଙ୍କ ପାଇଁ ପଧାନେ ଏଠାରୁ କେତୋଟି କାଠ ହାତୀ କିଣିଲେ ।

ସେମାନେ ଆସି ପହଞ୍ଚିଲେ ତାମିଲନାଡ଼ୁର କନ୍ୟାକୁମାରୀରେ । ଦକ୍ଷିଣରେ ଭାରତର ଏହା ଶେଷମୁଣ୍ଡ । ସ୍ୱାମୀ ବିବେକାନନ୍ଦ ସାରା ଭାରତ ପାଦରେ ବୁଲିଥିଲେ । ଶେଷରେ ସେ ଏଠାରେ ବିଶ୍ରାମ ନେଲେ । ସେ ଏଇଠାରୁ ଭାରତବାସୀଙ୍କୁ ଡାକ ଦେଇ କହିଥିଲେ, "ହେ ଭାରତର ପୁତ୍ରକନ୍ୟା, ଜାଗିଉଠ, ଦେଶର ଟେକରଖ ।" ସମୁଦ୍ର ଭିତରେ ଅଳ୍ପ ଦୂରରେ ଗୋଟିଏ ଛୋଟ ଲମ୍ବା ପାହାଡ଼ । ବିବେକାନନ୍ଦ ପହଁରି ପହଁରି ସେଇ ପାହାଡ଼ ଉପରକୁ ଯାଇଥିଲେ । ସେଠାରେ ତପସ୍ୟା କଲେ । ଏବେ ସେଇ ପାହାଡ଼ ଉପରେ ବିବେକାନନ୍ଦଙ୍କର ମୂର୍ତ୍ତି ଅଛି । ସବୁଦିନ ହଜାର ହଜାର ଲୋକ ସେଠାକୁ ଯାଆନ୍ତି । କନ୍ୟାକୁମାରୀର ଦେଉଳ ଆଉ ଦେବୀମୂର୍ତ୍ତି ଦେଖିସାରି ପଧାନେ ରାମେଶ୍ୱର ବାହାରିଲେ ।

ରାମେଶ୍ୱର ଚାରିଧାମ ଭିତରୁ ଗୋଟିଏ । ଏଠାରେ ରାମଚନ୍ଦ୍ର ଶିବ ଉପାସନା କରିଥିଲେ । ସେଠାରେ ସମୁଦ୍ରରେ ସେତୁବନ୍ଧ ବାନ୍ଧି ଲଙ୍କା ଯାଇଥିଲେ ।

ଫେରିବା ବାଟରେ ବାପ ପୁଅ ମାଡ୍ରାଜ ଦେଖି ତିରୁପତିରେ ପହଞ୍ଚିଲେ । ସେଠାରେ ପାହାଡ଼ ଉପରେ ଭେଙ୍କଟେଶ୍ୱର ମହାପ୍ରଭୁଙ୍କ ମନ୍ଦିର । ଏଠାରେ ଯାତ୍ରୀମାନଙ୍କ ଚଳିବା ପାଇଁ ସବୁ

ସୁବିଧା ଅଛି । ପ୍ରତିଦିନ ତିରୁପତିରେ ଶହ ଶହ ବିବାହ ବ୍ରତ, ବାଳପକା, କାନ ଫୋଡ଼ା, ଅନ୍ନଛୁଆଁ ଚାଲିଥାଏ । ଠାକୁରଙ୍କ ପାର୍ଣ୍ଣିକୁ ନିଇତି ଲକ୍ଷ ଲକ୍ଷ ଟଙ୍କା ଯାତ୍ରୀଙ୍କଠାରୁ ମିଳେ । ଦିଅଁ ଦର୍ଶନ ସାରି ଫୁଲ ପ୍ରସାଦ ଧରି ପଧାନେ ରାଜ ମାହେନ୍ଦ୍ରୀ ଗଲେ । ଗୋଦାବରୀ ନଈରେ ବୁଡ଼ ପକାଇଲେ । ପଦନ କହିଲା, ବାପା, ଏଇ ଆନ୍ଧ୍ର ରାଇଜ ଆମର ପଡ଼ିଶା । ଆମ ଓଡ଼ିଶାରେ ବହୁତ ତେଲଗୁ ଲୋକ ଅଛନ୍ତି । ଏ ରାଜ୍ୟରେ ବି ଅନେକ ଓଡ଼ିଆ ଲୋକ ଅଛନ୍ତି ।

ଏଥର ତାଙ୍କର ତୀର୍ଥ ଭ୍ରମଣ ସରିଗଲା । ସେମାନେ ଟିଟିଲାଗଡ଼ ଝାରସୁଗୁଡ଼ା ଦେଇ ରାଉରକେଲାରେ ପହଞ୍ଚିଲେ । ଏଠାରେ ପଧାନଙ୍କ ଝିଅ ଘର । ଜ୍ୱାଇଁ ନରହରିଙ୍କୁ ଷ୍ଟେସନରେ ଦେଖି ପଧାନେ ଭାରି ଖୁସି ।

ଘରେ ପହଞ୍ଚିଲା କ୍ଷଣି ନେତ୍ରମଣି ଆଉ ପିଲାମାନେ ଚହଲି ପକେଇ ଦେଲେ । ଯିଏ ଯାହାର ଜିନିଷ ପାଇ ଭାରି ଖୁସି । ଖାଇ ପିଇ ବୁଢ଼ା ଶୋଇଲେ । ନରହରି, ପଦ୍ମନାଭ ଆଉ ନେତ୍ରମଣିଙ୍କ ଭିତରେ ନାନା କଥାବାର୍ତ୍ତା ଚାଲିଲା, ତା ପରଦିନ ନରହରି ଛୁଟି ନେଇ ଘରେ ରହିଲେ । ପଦ୍ମନାଭ ସକାଳୁ ଜଳଖିଆ ଖାଇ ଭଣଜା ଭାଣେଜୀଙ୍କୁ ଧରି ବୁଲି ବାହାରିଲେ । ଝିଅ ଜ୍ୱାଇଁ ଆଉ ପଧାନେ ଗପସପରେ ବସିଗଲେ । ଝିଅ ପଚାରିଲା ବାପା, କୁଆଡ଼େ କୁଆଡ଼େ ଗଲ, କ'ଣ କ'ଣ ଦେଖିଲ, କିଛି ତ କାହିଁ କହିଲନି ?



ପଧାନେ ହସି ହସି କହିଲେ, "କ'ଣ କହିବ ଲୋ ମା ! ଆମ ଦେଶଟା ଏଡ଼େ ବଡ଼ ! ଓହୋ ଆଖି ପାଉନ । ଆମେ କୁଆଡ଼େ ନ ଯାଇଚୁ ! ସବୁ ନାଁ ତ ମନେ ପଡ଼ୁନ, ପଦନ ଟିପିଚ । ମୋର ସବୁ ତୀର୍ଥ ହୋଇଗଲା । କଲକତା, ଦିଲ୍ଲୀ, ମାଦ୍ରାଜ ଦେଖା ହେଇଗଲା । ଏକା ମାଡ଼କେ କଦଳୀ ବକା ଠାକୁର ଦେଖା । ସବୁଠୁ ବଡ଼ କଥା ହେଲା ମଣିଷ ଭଳି ମଣିଷ ମଧ୍ୟ ଦେଖିବାକୁ ପାଇଲି ।

କ'ଣ କହୁଥିଲି କି, ପଦନର ଗୁଜରାଟରେ ମଗନ ବୋଲି ସାଙ୍ଗ ଜଣେ ଅଛନ୍ତି । ସେ ଜଣେ ପଣ୍ଡିତ । ଆମ ଦେଶ ବିଷୟରେ ତାଙ୍କୁ ସବୁକଥା ମାଲୁମ । ସେ ଆମର ବହୁତ ଚର୍ଚ୍ଚା କଲେ ।

ଆଉ ଜଣଙ୍କ କଥା କହୁଚ । ତାଙ୍କ ଘର ମହୀଶୂରର ଗୋଟିଏ ଗାଁରେ । ପଦନ ମୋତେ ସେଇଠିକି ନେଇଗଲା । ତାଙ୍କ ନାଁଟା କଣ ପାଶୋରି ଗଲି, ହଁ, କି ଦାସାପ୍ପା । ତାଙ୍କ ଘରଦ୍ୱାର ବାଡ଼ି ବଗିଚା ଦେଖି ପେଟ ପୂରିଗଲା । ଦାସାପ୍ପାଙ୍କ ସ୍ତ୍ରୀ ଆଉ ଝିଅ ଆମକୁ ଖୁବ ଆଦର କଲେ । ବଢ଼ିଆ ବଢ଼ିଆ ଜିନିଷ ଖୁଆଇଲେ । ଭଲଲୋକ ସବୁଆଡ଼େ ଅଛନ୍ତି ।

ନେତ୍ରମଣି କହିଲେ, ଆଚ୍ଛା ବାପା, ସେ ଝିଅଟିର ନାଁ ସରୋଜିନୀଟି ! ବୁଢ଼ା ଚମକି ପଡ଼ି କହିଲେ, କିଲୋ ତୁ କିମିତି ଜାଣିଲୁ ?

ମୁଁ ? ମୁଁ ପର୍ ଯାଇଠୁ ସବୁ ଜାଣିଚ । ସରୋଜିନୀକୁ ଯାଇ ସାଥିରେ ଛାଡି ଦେବାକୁ ଦାସାପ୍ପାଙ୍କ ଇଚ୍ଛା । ତାଙ୍କ ଫାର୍ମଟି ଯାଇ ଚଳେଇବ । ସରୋଜିନୀ ଗାଈ ଫାର୍ମଟିଏ କରିବ । ଏବେ କୁହ, ତମର ମତ କ'ଣ ?

ପଧାନେ ଟିକିଏ ଥମି ଗଲେ । କହିଲେ, ତମ ସମସ୍ତଙ୍କର ଯଦି ଇଚ୍ଛା ଅଛି, ମୁଁ କାହିଁକି ମନା କରିବି । ତେବେ ଏତେ ଦୂରରେ ପୁଅ ରହିବ, ମୁଁ ପୁଅ ବୋହୂ ବୋଲି ଜାଣିଲି କଣ -?

ନରହରି କହିଲେ ବାପା, ପଦନ ଆଉ ସନା କ'ଣ ଗାଁରେ ରହିପାରିବେ ? ଯେ ଯେମିତି ରୋଜଗାର କଲି ସେ ସେଇଠି ରହିଲି । କେଉଁଠି ରହିଲେ ଆପଣଙ୍କୁ ଭଲ ଲାଗିବ କହନ୍ତୁ ।

ପଧାନେ କହିଲେ ମୁଁ କଣ ଘରଛାଡ଼ି ବାହାରିକୁ ଯାଇ ପାରିବି ? ତେବେ ମଝିରେ ମଝିରେ ତମମାନଙ୍କ ପାଖକୁ ଆସିବି । ହାତ ଗୋଡ଼ ଅଚଳ ହେଲେ ସେ କଥା ଅଲଗା । ହାତୀ ବନସ୍ତରେ ଥିଲେ ରାଜାଙ୍କର ।

ଏତିକିବେଳେ ପଦନ ଫେରି ଆସିଲା । ପଧାନେ କହିଲେ, ପଦରେ, ତୁ ବାପା ଏଥର ମହୀଶୂର ଫେରି ଯା । ମୁଁ ଝିଅ ପାଖରେ ଚାରି ପାଞ୍ଚଦିନ ରହିବି । ତୋଇଁଙ୍କ ସାଥିରେ ପୁରୀ ଜଗନ୍ନାଥ ଦର୍ଶନ କରି ଘରକୁ ଫେରିବି ।

ଏହି ପୁସ୍ତକଟି ନବସାକ୍ଷର ମାନଙ୍କ ପାଇଁ ପ୍ରକାଶିତ । ଯଦି ଆପଣ ନବସାକ୍ଷର ଅଟନ୍ତି, ତେବେ ତଳେ ଆମେ ଆପଣଙ୍କ ଠାରୁ ଚାହିଁଥିବା ସୂଚନା ଗୋଟିଏ ଅଲଗା କାଗଜରେ ଲେଖି ଆମ ପାଖକୁ ପଠାନ୍ତୁ । ଏହା ଫଳରେ ଆମକୁ ଆହୁରି ଭଲ ପୁସ୍ତକ ପ୍ରକାଶ କରିବାରେ ସହଯୋଗ ମିଳିବ ।

1. ଆପଣଙ୍କ ନାମ
2. ଆପଣଙ୍କ ବୟସ
3. ଆପଣଙ୍କ ମାତୃଭାଷା
4. ଆପଣ କି କାମ କରନ୍ତି
5. ଆପଣଙ୍କ ମାସିକ ଆୟ
6. ଆପଣଙ୍କ ଠିକଣା
7. ସାକ୍ଷରତା ପ୍ରବେଶିକାର କେତୋଟି ଭାଗ ଆପଣ ପଢ଼ିଛନ୍ତି ?
8. ସାକ୍ଷରତାକୁ ଆପଣ କେଉଁ କାମରେ ଲଗାନ୍ତି ?
9. ଆପଣ ଖବରକାଗଜ ପଢ଼ନ୍ତି କି- କେବେକେବେ, ଅବସର ସମୟରେ ନା ନିୟମିତ ଭାବେ ?
10. ଆପଣ ପୁସ୍ତକ ପଢ଼ନ୍ତି କି - କେବେକେବେ, ଅବସର ସମୟରେ ନା ନିୟମିତ ଭାବେ ?
11. ଆପଣ କେଉଁ ବିଷୟ ପଢ଼ିବାକୁ ଭଲ ପାଆନ୍ତି ?
12. ଏହି ପୁସ୍ତକଟି ଆପଣଙ୍କୁ କିପରି ଲାଗିଲା ?
13. ଆପଣ ପ୍ରତି ମାସରେ ପୁସ୍ତକ କିଣିବାଲାଗି କେତେ ଟଙ୍କା ଖର୍ଚ୍ଚ କରି ପାରିବେ ?


ସୂଚନା ତଳେ ଲେଖାଥିବା ଠିକଣାରେ ପଠାନ୍ତୁ :

**ସଂପାଦକୀୟ ବିଭାଗ**

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ଏ-5, ଗ୍ରୀନ ପାର୍କ

ନୂଆଦିଲ୍ଲୀ - 110 016